
Module-3

ଭାରତରେ ପ୍ରଚଳିତ ଶାସନ ବ୍ୟବସ୍ଥା



Notes

# ୧୪

# ରାଜ୍ୟ ବ୍ୟବସ୍ଥାପିକା

ଭାରତ ରାଜ୍ୟମାନଙ୍କର ଏକ ସଂଘ । ଏହାର ଅର୍ଥ ହେଲା ଏଠାରେ ଗୋଟିଏ କେନ୍ଦ୍ର ସରକାର ଓ କେତେକ ରାଜ୍ୟ ସରକାର ରହିଛି । ଏହାର ଅନ୍ୟ ଏକ ଅର୍ଥ ହେଲା କେନ୍ଦ୍ର ରାଜ୍ୟମାନଙ୍କ ଠାରୁ ଅଧିକ କ୍ଷମତାଶାଳୀ । ବର୍ତ୍ତମାନ ଭାରତରେ ୨୮ଟି ରାଜ୍ୟ ରହିଛି ଓ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବ୍ୟବସ୍ଥାପିକା ରହିଛି । ତୁମେ ଆଗରୁ ଅଧ୍ୟାୟ ୧୧ରେ ଭାରତର ସଂସଦ ସଂବନ୍ଧରେ ପଢ଼ିସାରିଛ । ଯାହାକି କେନ୍ଦ୍ରରେ ଆଇନ୍ ପ୍ରଣୟନ କରିବାର ଅନୁଷ୍ଠାନ । ସେହିପରି ରାଜ୍ୟ ବ୍ୟବସ୍ଥାପିକା ଆଇନ୍ ପ୍ରଣୟନ ପାଇଁ ରାଜ୍ୟସ୍ତରୀୟ ଅନୁଷ୍ଠାନ । ଏହି ଅଧ୍ୟାୟରେ ତୁମେ ରାଜ୍ୟର ବ୍ୟବସ୍ଥାପିକାର ଗଠନ, ଏହାର ସଦସ୍ୟମାନଙ୍କର ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ, ବ୍ୟବସ୍ଥାପିକାର କ୍ଷମତା ଓ କାର୍ଯ୍ୟବଳୀ ଓ ବ୍ୟବସ୍ଥାପିକାର ଉଭୟ କକ୍ଷର କ୍ଷମତାର ତୁଳନା ସମ୍ବନ୍ଧରେ ପଢ଼ିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢ଼ି ତୁମେ ନିମ୍ନୋକ୍ତ ବିଷୟ ଜାଣିପାରିବ ।

- ବିଧାନସଭା ଓ ବିଧାନ ପରିଷଦ ର ଗଠନ;
- ବ୍ୟବସ୍ଥାପିକାର ସଭ୍ୟମାନଙ୍କର ଯୋଗ୍ୟତା ;
- ରାଜ୍ୟ ବ୍ୟବସ୍ଥାପିକାର କ୍ଷମତା ଓ କାର୍ଯ୍ୟାବଳୀ;
- ଉଭୟ କକ୍ଷ ମଧ୍ୟରେ ଥିବା ସମ୍ପର୍କ;
- ବିଧାନ ସଭା କିପରି ବିଧାନ ପରିଷଦ ଠାରୁ ଅଧିକ କ୍ଷମତାଶାଳୀ;

## ୧୪.୧. ରାଜ୍ୟବ୍ୟବସ୍ଥାପିକାର ଗଠନ

ପ୍ରାୟ ସମସ୍ତ ରାଜ୍ୟରେ ବ୍ୟବସ୍ଥାପିକା ରାଜ୍ୟପାଳ ଓ ବିଧାନ ସଭାକୁ ନେଇ ଗଠିତ ହୋଇଥାଏ। ଏହାର ଅର୍ଥ ହେଲା ଏହି ରାଜ୍ୟ ଗୁଡ଼ିକରେ ଏକ କକ୍ଷୀୟ ବ୍ୟବସ୍ଥାପିକା ରହିଛି। ଅଳ୍ପ କେତେକ ରାଜ୍ୟରେ ରାଜ୍ୟପାଳଙ୍କ ବ୍ୟତୀତ ଦ୍ୱି-କକ୍ଷୀୟ ବ୍ୟବସ୍ଥାପିକା ରହିଛି। ଯେଉଁଥିରେ ବିଧାନ ସଭା ଓ ବିଧାନ ପରିଷଦ ନାମରେ ଦୁଇଟି କକ୍ଷ ରହିଛି। ଯେଉଁ ବ୍ୟବସ୍ଥାପକ ସଭାରେ ଦୁଇଟି କକ୍ଷ ଥାଏ ତାକୁ ଦ୍ୱିକକ୍ଷିୟ ବ୍ୟବସ୍ଥାପକ ସଭା ବୋଲି କୁହାଯାଏ ।

ପା*ଟି ରାଜ୍ୟରେ ଦ୍ୱିକକ୍ଷିୟ ବ୍ୟବସ୍ଥାପିକା ରହିଛି । ବିଧାନ ସଭା ନିମ୍ନକକ୍ଷ ବା ଜନସାଧାରଣଙ୍କ କକ୍ଷ ଭାବରେ ପରିଚିତ । ବିଧାନ ପରିଷଦ ଉଚ୍ଚ କକ୍ଷ ଭାବରେ ପରିଚିତ ।

ଯେଉଁ ଭାବରେ କେନ୍ଦ୍ରରେ ଲୋକସଭାକୁ କ୍ଷମତାଶାଳୀ କରାଯାଇଛି । ସେହି ପରି ରାଜ୍ୟ ସ୍ତରରେ ବିଧାନ ସଭାକୁ କ୍ଷମତାଶାଳୀ କରାଯାଇଛି ।

## ୧୪.୧.୧ ବିଧାନ ସଭା

ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବିଧାନ ସଭା ରହିଛି । ଏହା ରାଜ୍ୟର ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରେ । ବିଧାନ ସଭାର ସଦସ୍ୟ ମାନେ ପ୍ରତ୍ୟେକ୍ଷ ଭାବରେ ଜନ ସାଧାରଣଙ୍କ ଦ୍ୱାରା ସର୍ବଜନୀନ ସାବାଳକ ଭୋଟ ପ୍ରଥା ଅନୁସାରେ ନିର୍ବାଚିତ ହୋଇଥାଆନ୍ତି ।

ସେମାନେ ରାଜ୍ୟର ପଞ୍ଜିଭୁକ୍ତ ସାବାଳକ ଭୋଟର ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ସମସ୍ତ ନାରୀ ଓ ପୁରୁଷ ଯାହାଙ୍କର ବୟସ ୧୮ବର୍ଷ ବା ଅଧିକ ସେମାନେ ଭୋଟର ତାଲିକାରେ ପଞ୍ଜିକୃତ ହୋଇ ପାରିବେ । ସେମାନେ ରାଜ୍ୟ ବିଧାନସଭାର ସଭ୍ୟମାନଙ୍କୁ ନିର୍ବାଚିତ କରିବା ପାଇଁ ଭୋଟ୍ ଦେଇପାରିବେ । ସଭ୍ୟମାନେ ବିଭିନ୍ନ ଆଂଚଳିକ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥାଆନ୍ତି ।

ପ୍ରତ୍ୟେକ ରାଜ୍ୟର ବିଧାନସଭାକୁ ଯେତେଜଣ ସଭ୍ୟ ନିର୍ବାଚିତ ହେବାର ଥାଏ, ରାଜ୍ୟକୁ ସେତେଗୋଟି ନିର୍ବାଚିତ ମଣ୍ଡଳୀରେ (ଏକକ ସଭ୍ୟ) ବିଭକ୍ତ କରାଯାଇଥାଏ । ଯେପରି ଲୋକସଭା କ୍ଷେତ୍ରରେ କେତକ ରାଜ୍ୟରେ ଅନୁସୂଚିତ ଜାତି ଙ୍କ ପାଇଁ ଓ କେତେକ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ପାଇଁ ଆସନ ସଂରକ୍ଷିତ ହୋଇଥାଏ, ସେହି ପରି ରାଜ୍ୟମାନଙ୍କରେ ମଧ୍ୟ ବିଧାନସଭା ପାଇଁ ସଂରକ୍ଷଣ କରାଯାଇଥାଏ । ଏହା ଏହି ଦୁର୍ବଳ ଶ୍ରେଣୀର ଜନସଂଖ୍ୟା ଉପରେ ନିର୍ଭର କରେ ।

ବିଧାନସଭାର ଥିବା ସଭ୍ୟ ହେବାପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର ।

ଭାରତର ନାଗରିକ ହୋଇଥିବେ,

ତାଙ୍କୁ ୨୫ବର୍ଷ ହୋଇସାରିଥିବ;

ତାଙ୍କ ନାମ ଭୋଟର ତାଲିକାରେ ଥିବ;

କୌଣସି ଲାଭଜନକ ପଦବୀରେ ନ ଥିବେ;


ରାଜ୍ୟସରକାରୀଙ୍କ କର୍ମଚାରୀ ହୋଇ ନଥିବେ । ବିଧାନସଭାର ସଭ୍ୟ ସଂଖ୍ୟା ୫୦୦ରୁ ଉର୍ଦ୍ଧ୍ୱ ଓ ୫୦ରୁ କମ୍ ହୋଇପାରିବ ନାହିଁ, ଯଦିଓ କ୍ଷୁଦ୍ର ରାଜ୍ୟମାନଙ୍କୁ ଅଳ୍ପ ସଭ୍ୟ ନିର୍ବାଚିତ କରିବା ପାଇଁ ଅନୁମତି ଦିଆଯାଇଛି । ଯେପରି ଗୋଆରେ ବିଧାନସଭାରେ ୪୦ ଜଣ ସଭ୍ୟ ଅଛନ୍ତି । ଉତ୍ତର ପ୍ରଦେଶ (ଉତ୍ତରାଞ୍ଚଳ ୨୦୦୨ରେ ସୃଷ୍ଟି ହେବା ସତ୍ତ୍ୱେ ଗୋଟିଏ ବୃହତ୍ ରାଜ୍ୟ) ର ବିଧାନ ସଭାରେ ୪୦୩ ଆସନ ରହିଛି ।

ରାଜ୍ୟର ରାଜ୍ୟପାଳ ଆଙ୍ଗ୍ଲୋ-ଇଣ୍ଡିଆନ ସମ୍ପ୍ରଦାୟର ଜଣେ ସଭ୍ୟଙ୍କୁ ମନୋନୀତ କରିପାରିବେ, ଯଦି ସେ ଅନୁଭବ କରନ୍ତି ଏହି ସମ୍ପ୍ରଦାୟଙ୍କ ପ୍ରତିନିଧିତ୍ୱ ଆବଶ୍ୟକତା ଠାରୁ କମ୍ । ଲୋକସଭା ପରି କେତେକ ଆସନ ଅନୁସୂଚୀତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇଥାଏ । ବିଧାନ ସଭାର କାର୍ଯ୍ୟକାଳ ପାଂଚବର୍ଷ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ରାଜ୍ୟପାଳ ଏହାର କାର୍ଯ୍ୟକାଳ ପୂର୍ଣ୍ଣ ହେବା ପୂର୍ବରୁ ଭଙ୍ଗ କରିପାରିବେ । ଯଦି ରାଜ୍ୟରେ ସଂବିଧାନର ୩୫୬ ଧାରା ଅନୁସାରେ ସାଂବିଧାନିକ ଜରୁରୀ ପରିସ୍ଥିତି ଜାରୀ ହୁଏ, ତେବେ ରାଷ୍ଟ୍ରପତି ବିଧାନ ସଭାକୁ ଭଙ୍ଗ କରିପାରିବେ ।

୩୫୨ ଧାରା ଅନୁସାରେ ଜାତୀୟ ଜରୁରୀ ପରିସ୍ଥିତି ଜାରୀ ହୋଇଥିଲା ବେଳେ କେନ୍ଦ୍ର ସଂସଦ ବିଧାନସଭାର କାର୍ଯ୍ୟକାଳ ଥରକୁ ଥର ଏକ ବର୍ଷ ପାଇଁ ବଢ଼ାଇ ପାରିବେ ।

## ୧୪.୧.୨ ବିଧାନ ସଭାର ଅଧ୍ୟକ୍ଷ

ବିଧାନସଭାର ସଭ୍ୟମାନେ କକ୍ଷର ଅଧ୍ୟକ୍ଷଙ୍କୁ ନିର୍ବାଚିତ କରନ୍ତି । ଅଧ୍ୟକ୍ଷ ବାଚସ୍ପତି ହିସାବରେ ପରିଚିତ । ବାଚସ୍ପତି କକ୍ଷର ଅଧିବେସନରେ ଅଧ୍ୟକ୍ଷତା କରନ୍ତି ଏବଂ ଏହାର କାର୍ଯ୍ୟକ୍ରମକୁ ପରିଚାଳିତ କରିଥାଆନ୍ତି । ସେ



**Notes**

କକ୍ଷରେ ଶାନ୍ତି ରକ୍ଷା କରନ୍ତି । ସଭ୍ୟମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଓ ମତବ୍ୟକ୍ତ କରିବା ପାଇଁ ଅନୁମତି ଦେଇଥାନ୍ତି । ସେ ବଭିନ୍ନ ଚିଠା ବା ବିଲ୍ ପାଇଁ ଅନୁମତି ଦେଇଥାଆନ୍ତି । ସେ ବିଭିନ୍ନ ଚିଠା ବା ବିଲ୍ କୁ କକ୍ଷ ସମ୍ମୁଖରେ ଉପସ୍ଥାନ କରିବା ପାଇଁ ଅନୁମତି ଦିଅନ୍ତି ଓ ଆବଶ୍ୟକ ସ୍ଥଳରେ ଭୋଟ ଗ୍ରହଣ କରି ପରିଣତି ଘୋଷଣା କରିଥାଆନ୍ତି । ଯଦି ସପକ୍ଷ ଓ ବିପକ୍ଷ ଭୋଟ ସମାନ ହୁଏ ସେତେବେଳେ ସେ ନିଜର ନିର୍ଣ୍ଣାୟକ ଭୋଟ ପ୍ରଦାନ କରିଥାଆନ୍ତି । ଉପବାଚସ୍ପତି ବାଚସ୍ପତିଙ୍କ ଅନୁପସ୍ଥିତିରେ କକ୍ଷର ଅଧିବେସନରେ ଅଧକ୍ଷତା କରନ୍ତି । ତାଙ୍କୁ ମଧ ବିଧାନ ସଭାର ସଭ୍ୟମାନେ ନିଜମଧରୁ ନିର୍ବାଚିତ କରିଥାଆନ୍ତି ।

**ସମାନତା (Tie)ର ଅର୍ଥ ହେଲା ସମାନ ସଂଖ୍ୟକ ସଭ୍ୟ ଗୋଟିଏ ବିଲ୍ ବା ପ୍ରସ୍ତାବ ସପକ୍ଷରେ ଓ ବିପକ୍ଷରେ ଭୋଟ ଦେବା । ଏହି ସ୍ଥିତିକୁ ସମାପ୍ତ କରିବା ପାଇଁ ବିଧାନ ସଭାର ଅଧକ୍ଷ ଭୋଟ ଦେଇଥାଆନ୍ତି ।**

## ବିଷୟ ଭିତ୍ତିକ ପ୍ରଶ୍ନ ୧୪.୧

**ଶୂନ୍ୟସ୍ଥାନ ପୂରଣ କର :**

୧। ଭାରତୀୟ ରାଜ୍ୟସଂଘ ________ ଟି ରାଜ୍ୟକୁ ନେଇ ଗଠିତ । (୧୮,୨୫,୨୮)

୨। ବିଧାନ ସଭାର ସଦସ୍ୟ ହେବା ପାଇଁ ଜଣେ ବ୍ୟକ୍ତିଙ୍କୁ ସର୍ବନିମ୍ନ ________ ବର୍ଷ ବୟସ ହୋଇଥିବା ଆବଶ୍ୟକ । (୨୧, ୨୫, ୩୦)

୩। ରାଜ୍ୟର ରାଜ୍ୟପାଳ________ ସମ୍ପ୍ରଦାୟ ରୁ ଜଣେ ସଭ୍ୟଙ୍କୁ ମନୋନୀତ କରିପାରିବେ । (ଅନୁସୂଚିତ ଜାତି, ଅନୁସୂଚୀ ତ ଜନଜାତି, ଆଙ୍ଗ୍ଲୋ-ଇଣ୍ଡିୟାନ)

୪। ବିଧାନ ସଭାର କାର୍ଯ୍ୟକାଳ________ ବର୍ଷ । (୪,୫,୬)

୫। ବିଧାନ ସଭାରେ ଯେତେବେଳେ ସପକ୍ଷ ଓ ବିପକ୍ଷ ଭୋଟ ସମାନ ହୁଏ ________ତାଙ୍କର ନିର୍ଣ୍ଣାୟକ ଭୋଟ୍ ପ୍ରଦାନ କରନ୍ତି । (ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି)

## ୧୪.୧.୩ ବିଧାନ ପରିଷଦ

ବିଧାନ ପରିଷଦ ହେଉଛି ରାଜ୍ୟ ବ୍ୟବସ୍ଥାପିକାର ଉଚ୍ଚ କକ୍ଷ ।

ଏହା ପ୍ରତ୍ୟେକ ରାଜ୍ୟରେ ନାହିଁ । ଅତି ଅଳ୍ପ ରାଜ୍ୟରେ ଦ୍ୱିକକ୍ଷିୟ ବ୍ୟବସ୍ଥାପିକା ରହିଛି । ଯାହାର ଅର୍ଥ ହେଲା, ବ୍ୟବସ୍ଥାପିକାରେ ଦୁଇଟି କକ୍ଷ ଅଛି । ବର୍ତ୍ତମାନ ପାଞ୍ଚଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଜାମ୍ମୁ କାଶ୍ମିର ରେ ବିଧାନ ପରିଷଦ ଥିଲାବେଳେ ଅନ୍ୟ ୨୩ଟି ରାଜ୍ୟରେ ଗୋଟିଏ କକ୍ଷ ବା ବିଧାନ ସଭା ରହିଛି । ବିଧାନ ପରିଷଦ ଗୁଡ଼ିକ ମୁଖ୍ୟତଃ ଇଂରେଜ ମାନଙ୍କ ଦ୍ୱାରା ହସ୍ତାନ୍ତରୀତ ଏକ ବ୍ୟବସ୍ଥା । ସଂସଦ ଗୋଟିଏ ରାଜ୍ୟରେ ବିଧାନ ପରିଷଦ ସୃଷ୍ଟି କରିପାରିବ ଯଦି ଉକ୍ତ ରାଜ୍ୟର ବିଧାନ ସଭାରେ ଏଥିପାଇଁ ଏକ ପ୍ରସ୍ତାବ ବିଧାନ ସଭାରେ ସମସ୍ତ ସଭ୍ୟ ମାନଙ୍କର ସଂଖ୍ୟାଗରିଷ୍ଠତାରେ ସ୍ୱିକୃତ ହୁଏ, ଯାହା ବିଧାନ ସଭାର ଉପସ୍ଥିତ ସଭ୍ୟଙ୍କର ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ହୋଇଥିବ ଓ ଏହାପରେ ଏହି ପ୍ରସ୍ତାବ ସଂସଦ ପାଖକୁ ପଠାଯାଇଥାଏ । ସେହିପରି ଯଦି ଗୋଟିଏ ରାଜ୍ୟ ଯାହାର ବିଧାନ ପରିଷଦ ରହିଛି ସେହି ରାଜ୍ୟର ବିଧାନସଭା ଏହାର ଅନ୍ତ କରିବାକୁ ଚାହେଁ ତେବେ ସେହି ସଂଖ୍ୟାଗରିଷ୍ଠତାରେ ଏକ ପ୍ରସ୍ତାବ ଗୃହୀତ କରି ସଂସଦ ପାଖକୁ ପଠାଇ ପାରିବ । ଏହି ପରିସ୍ଥିତିରେ ସଂସଦ ଉଦ୍ଦିଷ୍ଟ ରାଜ୍ୟର ବିଧାନ ପରିଷଦକୁ



Notes



ସମାପ୍ତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରେ । ଏହି ଉପାୟରେ ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ପଶ୍ଚିମ ବଙ୍ଗର ବିଧାନ ପରିଷଦକୁ ଲୋପ କରାଯାଇଛି ।

ସମ୍ବିଧାନ ଅନୁସାରେ ଗୋଟିଏ ବିଧାନ ପରିଷଦର ସଭ୍ୟ ସଂଖ୍ୟା ବିଧାନ ସଭାର ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ରୁ ଅଧିକ ହେବ ନାହିଁ, କିନ୍ତୁ ଏହା ୪୦ରୁ କମ୍ ହେବ ନାହିଁ । କେବଳ ଜମ୍ମୁ କାଶ୍ମୀର ଏକମାତ୍ର ରାଜ୍ୟ ଯେଉଁଠାରେ ବିଧାନ ପରିଷଦରେ ୩୬ ଜଣ ସଦସ୍ୟ ରହିଛନ୍ତି ।

ବିଧାନ ପରିଷଦର ସଭ୍ୟ ହେବା ପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନୋକ୍ତ ଯୋଗ୍ୟତା ଥିବା ଦରକାର:-

୧। ସେ ଭାରତର ନାଗରିକ ହୋଇଥିବେ;

୨। ତାଙ୍କୁ ଅତିକମ୍‌ରେ ୩୦ ବର୍ଷ ହୋଇଥିବ ;

୩। ସେ ରାଜ୍ୟର ଜଣେ ପଞ୍ଜିକୃତ ଭୋଟର ହୋଇଥିବେ;

୪। ସେ କୌଣସି ଲାଭଜନକ ପଦବୀରେ ନ ଥିବେ ।

ବିଧାନପରିଷଦ ଆଶିଂକ ଭାବରେ ନିର୍ବାଚିତ ପ୍ରତିନିଧି ଓ ଆଂଶିକ ଭାବରେ ମାନୋନୀତ ସଭ୍ୟଙ୍କ ଦ୍ୱାରା ଗଠିତ ହୋଇଥାଏ । ପ୍ରାୟ ସମସ୍ତ ସଭ୍ୟ ପରୋକ୍ଷ ଭାବରେ ସମାନୁପାତିକ ପ୍ରତିନିଧିତ୍ୱ ଓ ଏକକ ହସ୍ତାନ୍ତରୀତ ଭୋଟ ପ୍ରଥା ଅନୁସାରେ ନିର୍ବାଚିତ ହୋଇଥାଆନ୍ତି । ବିଭିନ୍ନ ପ୍ରକାର ସଭ୍ୟ ଭିନ୍ନ ଭିନ୍ନ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିଥାଆନ୍ତି । ବିଧାନ ପରିଷଦର ଗଠନ ନିମ୍ନଭାବରେ ହୋଇଥାଏ ।

୧। ଏକ ତୃତୀୟାଂଶ ସଭ୍ୟ ବିଧାନସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ।

୨। ଏକ ତୃତୀୟାଂଶ ସଭ୍ୟ ମୁନିସ୍‌ପାଲଟି, ଜିଲ୍ଲାପରିଷଦ ଓ ଅନ୍ୟାନ୍ୟ ଆଂଚଳିକ ଅନୁଷ୍ଠାନର ସଭ୍ୟମାନଙ୍କ ଦ୍ୱାରା ଗଠିତ ନିର୍ବାଚନ ମଣ୍ଡଳୀ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ।

୩। ଏକ ଦ୍ୱାଦଶ ସଭ୍ୟ ତିନି ବର୍ଷ ପୂର୍ବରୁ ସ୍ନାତକ ଉପାଧି ପାଇଥିବା ବ୍ୟକ୍ତି ମାନଙ୍କ ଦ୍ୱାରା ଗଠିତ ନିର୍ବାଚିତ ମଣ୍ଡଳୀ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ।

୪। ଏକ ଦ୍ୱାଦଶଂ ସଭ୍ୟ ରାଜ୍ୟର ଶିକ୍ଷାଅନୁଷ୍ଠାନ ମାନଙ୍କର ଶିକ୍ଷକମାନଙ୍କ ଦ୍ୱାରା ସୃଷ୍ଟ ନିର୍ବାଚନମଣ୍ଡଳୀ ଦ୍ୱାରା ନିର୍ବାଚିତ ହୋଇଥାନ୍ତି, ଯେଉଁ ଶିକ୍ଷକମାନେ ଅତି କମ୍‌ରେ ମାଧମିକ ବିଦ୍ୟାଳୟର ଶିକ୍ଷକ ହୋଇଥିବେ ଓ ସେମାନଙ୍କର ଅତିକମ୍‌ରେ ତିନି ବର୍ଷର ଶିକ୍ଷାଦାନ ର ଅଭିଜ୍ଞତା ଥିବ ।

୫। ଅବଶିଷ୍ଟ ଏକ ଷଷ୍ଠାଂଶ ସଭ୍ୟ ରାଜ୍ୟପାଳଙ୍କ ଦ୍ୱାରା ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଆନ୍ଦୋଳନ ଓ ସମାଜ ସେବାରେ ଅଭିଜ୍ଞତା ଲାଭ କରିଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ମନୋନୀତ ହୋଇଥାଆନ୍ତି ।

ବିଧାନ ପରିଷଦ ରାଜ୍ୟସଭାପରି ଏକ ସ୍ଥାୟୀ କକ୍ଷ । ଏହା କେବେହି ଭଙ୍ଗ ହୁଏ ନାହିଁ । ଏହାର ସଭ୍ୟମାନଙ୍କର କାର୍ଯ୍ୟକାଳ ଛଅ ବର୍ଷ । ଏକ ତୃତୀୟାଂଶ ସଭ୍ୟ ପ୍ରତି ଦୁଇବର୍ଷରେ ଅବସର ନିଅନ୍ତି । ଅବସର ପ୍ରାପ୍ତ ସଭ୍ୟମାନେ ପୁନର୍ବାର ନିର୍ବାଚନ ଲଢ଼ି ପାରିବେ । ଯଦି କୌଣସି ସଭ୍ୟ ଇସ୍ତଫା ଦିଅନ୍ତି ବା ତାଙ୍କର ମୃତ୍ୟୁ ହୁଏ ତେବେ ସେହି ପଦବୀ ପାଇଁ ଉପ-ନିର୍ବାଚନ ହୁଏ, ଏବଂ ନିର୍ବାଚିତ ସଭ୍ୟ ସେହି ସଭ୍ୟଙ୍କର ଅବଶିଷ୍ଟ ସମୟ ପାଇଁ ସଭ୍ୟପଦରେ ରୁହନ୍ତି ।

## ୧୪.୧.୪ ବିଧାନ ପରିଷଦର ଅଧ୍ୟକ୍ଷ

ବିଧାନ ପରିଷଦର ଅଧ୍ୟକ୍ଷଙ୍କୁ ଚେୟାରମ୍ୟାନ ବୋଲି କୁହାଯାଏ । ଯିଏକି କକ୍ଷର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ବିଧାନ ପରିଷଦର କାର୍ଯ୍ୟକ୍ରମ ଅଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ସେ





ବିଧାନ ପରିଷଦର ଅଧିବେଶନରେ ଅଧକ୍ଷତା କରନ୍ତି ଓ କକ୍ଷରେ ଶାନ୍ତି ଶୃଙ୍ଖଳା ରକ୍ଷାକରନ୍ତି । ସଭ୍ୟ ହିସାବରେ ନିଜର ଭୋଟ ଦେବା ସହ ଯଦି କୌଣସି ବିଷୟନେଇ ସପକ୍ଷ ଓ ବିପକ୍ଷ ଭୋଟ୍ ସମାନ ହୁଏ ତେବେ ସେ ନିର୍ଣ୍ଣାୟକ ଭୋଟ୍ ପ୍ରଦାନ କରିପାରିବେ । ତାଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ବା ଡେପୁଟି ଚେୟାରମ୍ୟାନ ଅଧକ୍ଷତା କରନ୍ତି । ସିଏ ବିଧାନ ପରିଷଦର ସଭ୍ୟ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ।

### ୧୪.୧.୫ ରାଜ୍ୟ ବ୍ୟବସ୍ଥାପିକାର ଅଧିବେଶନ

ରାଜ୍ୟ ବ୍ୟବସ୍ଥାପିକା ବର୍ଷରେ ଅତି କମ୍‌ରେ ଦୁଇଥର ବସିଥାଏ ଏବଂ ଦୁଇ ଅଧିବେଶନ ମଧ୍ୟରେ ଛଅମାସରୁ ଅଧିକ ସମୟର ପାର୍ଥକ୍ୟ ରହିବ ନାହିଁ ।

ରାଜ୍ୟପାଳ ବ୍ୟବସ୍ଥାପିକାର ଅଧିବେଶନକୁ ଆହ୍ୱାନ କରନ୍ତି ଓ ସ୍ଥଗିତ ରଖନ୍ତି । ସେ ସାଧାରଣ ନିର୍ବାଚନ ପରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ଓ ପ୍ରତ୍ୟେକ ବର୍ଷର ପ୍ରଥମ ଅଧିବେଶନରେ ବିଧାନ ସଭା ବା ଉଭୟକକ୍ଷର ମିଳିତ ଅଧିବେଶନ (ଯଦି ଦ୍ୱିକକ୍ଷିୟ ବ୍ୟବସ୍ଥା ଥାଏ)କୁ ସମ୍ବୋଧିତ କରିଥାଆନ୍ତି । ଏହି ଅଭିଭାଷଣ ସରକାରଙ୍କ ନୀତି, ଯାହା ସଭାରେ ଚର୍ଚ୍ଚିତ ହେବାକୁ ଥାଏ, ତାହା ଉପରେ ଆଲୋକ ପାତ କରେ । ରାଜ୍ୟ ବ୍ୟବସ୍ଥାପିକାର ସଦସ୍ୟମାନଙ୍କ ଅଧିକାର ଓ ଛାଡ଼ ସଂସଦର ସଭ୍ୟ ମାନଙ୍କ ସହ ସମାନ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୪.୨

**ଶୂନସ୍ଥାନ ପୂରଣ କର :**

୧। ବିଧାନ ପରିଷଦର ସଭ୍ୟ ହେବା ପାଇଁ ଜଣେ ବ୍ୟକ୍ତିଙ୍କୁ ଅତି କମ୍‌ରେ ____________ ବର୍ଷ ବୟସ ହୋଇଥିବା । (୨୫,୩୦,୩୫)

୨। ବିଧାନ ପରିଷଦର ସଭ୍ୟମାନଙ୍କର କାର୍ଯ୍ୟକାଳ ____________ ବର୍ଷ । (୪,୫,୬)

୩। ବିଧାନ ପରିଷଦର ଏକ ତୃତୀୟାଂଶ ସଭ୍ୟ ପ୍ରତି____________ ବର୍ଷରେ ଅବସର ଗ୍ରହଣ କରନ୍ତି । (୨,୪,୬)

୪। ____________ବିଧାନ ପରିଷଦକୁ ଅନ୍ତ କରିବାର କ୍ଷମତା ରଖନ୍ତି । (ରାଷ୍ଟ୍ରପତି, ରାଜ୍ୟପାଳ, ସଂସଦ)

୫। ____________ ରାଜ୍ୟରେ ଦ୍ୱିକକ୍ଷ ବ୍ୟବସ୍ଥା ଅଛି ।(ପଞ୍ଜାବ, ହରିୟାନ, ଉତ୍ତରପ୍ରଦେଶ)

## ୧୪.୨ ରାଜ୍ୟର ବ୍ୟବସ୍ଥାପିକାର କ୍ଷମତା ଓ କାର୍ଯ୍ୟବଳୀ

### ୧୪.୨.୧ଆଇନ୍ ପ୍ରଣୟନ କ୍ଷମତା

ରାଜ୍ୟ ବ୍ୟବସ୍ଥାପିକାର ମୁଖ୍ୟ କାର୍ଯ୍ୟ ସଂସଦ ଭଳି ଆଇନ୍ ପ୍ରଣୟନ କରିବା । ରାଜ୍ୟ ବ୍ୟବସ୍ଥାପିକାର କ୍ଷମତା ହେଲା ରାଜ୍ୟତାଲିକା ଭୁକ୍ତ ବିଷୟ ଓ ଯୁଗ୍ମତାଲିକା ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିବା । ଉଭୟ ସଂସଦ ଓ ବିଧାନ ସଭା ର ଯୁଗ୍ମତାଲିକା ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିବାର ଅଧିକାର ଅଛି । କିନ୍ତୁ ଯେତେବେଳେ କେନ୍ଦ୍ର ଆଇନ୍ ଓ ରାଜ୍ୟ ଆଇନ୍ ମଧ୍ୟରେ ଦ୍ୱନ୍ଦ ଘଟେ ସେତେବେଳେ ସେହି ବିଷୟ ଉପରେ ସଂସଦ ପ୍ରଣୟନ କରିଥିବା ଆଇନ୍ ଲାଗୁ ହୁଏ ।

ବିଲ୍ ବା ଚିଠା ଦୁଇ ପ୍ରକାରର, ସାଧାରଣ ବିଲ୍ ଓ ଅର୍ଥବିଲ୍ । ସାଧାରଣ ବିଲ୍ ଯେକୌଣସି କକ୍ଷରେ ଆଗତ ହୋଇପାରିବ (ଯଦି ରାଜ୍ୟରେ ଦ୍ୱିକକ୍ଷିୟ ବ୍ୟବସ୍ଥାପିକା ଥାଏ) । କିନ୍ତୁ ଅର୍ଥବିଲ୍ ପ୍ରଥମେ ବିଧାନ







ସଭାରେ ଆଗତ ହୁଏ । ଯେତେବେଳେ ଗୋଟିଏ ବିଲ୍ ଉଭୟକକ୍ଷ ଦ୍ୱାରା ଅନୁମୋଦିତ ହୁଏ, ଏହାକୁ ରାଜ୍ୟପାଳଙ୍କ ସ୍ୱିକୃତି ପାଇଁ ପଠାଯାଏ ।

ରାଜ୍ୟପାଳ ବିଲ୍‌ଟିକୁ ପୁନର୍ବାର ନିଷ୍ପତ୍ତି ନେବାପାଇଁ ଫେରସ୍ତ କରିଦେଇ ପାରିବେ । ଯଦି ସେହି ବିଲ୍ ପୁନର୍ବାର ବ୍ୟବସ୍ଥାପିକା ଦ୍ୱାରା ପାଶ୍ ହୁଏ ତେବେ ରାଜ୍ୟପାଳ ସ୍ୱିକୃତି ଦେବାକୁ ବାଧ୍ୟ । ତୁମେ ଜାଣିଛ ଯେ, ଯେତେବେଳେ ସଂସଦର ଅଧିବେସନ ବସିନଥାଏ ଓ କୌଣସି ଆଇନ୍‌ର ଆବଶ୍ୟକତା ହୋଇଥାଏ ସେତେବେଳେ ରାଷ୍ଟ୍ରପତି ଅଧ୍ୟାଦେଶ ଜାରୀ କରିଥାଆନ୍ତି । ସେହିପରି ରାଜ୍ୟପାଳ ମଧ୍ୟ ରାଜ୍ୟ ବ୍ୟବସ୍ଥାପିକାର ଅଧିବେଶନ ବସିନ ଥିବା ବେଳେ ରାଜ୍ୟତାଲିକାଭୁକ୍ତ ବିଷୟ ଉପରେ ଅଧ୍ୟାଦେଶ ଜାରି କରିପାରିବେ । ଅଧ୍ୟାଦେଶ ଆଇନ୍ ପରି କାର୍ଯ୍ୟକାରୀ ହୋଇଥାଏ ।

ଯେତେବେଳେ ପୁନର୍ବାର ରାଜ୍ୟ ବ୍ୟବସ୍ଥାପିକାର ଅଧିବେଶନ ବସେ ସେତେବେଳେ ଏହି ଅଧ୍ୟାଦେଶ ଗୁଡ଼ିକ ଏହା ସମ୍ମୁଖରେ ଉପସ୍ଥାପିତ କରାଯାଏ । ଛଅ ସପ୍ତାହ ସମାପ୍ତ ହେବା ପରେ ଯଦି ଏହା ବ୍ୟବସ୍ଥାପିକା ଦ୍ୱାରା ସେହି ସମୟ ମଧ୍ୟରେ ନାକଚ ନ ହୋଇଥାଏ ତେବେ ଏହା ଆପେ ଆପେ ଅକାମି ହୋଇଯାଏ ।

ବ୍ୟବସ୍ଥାପିକା ଅଧ୍ୟାଦେଶ ବଦଳରେ ଗୋଟିଏ ଆଇନ୍ ପ୍ରଣୟନ କରିଥାଏ । ଏହା ବ୍ୟବସ୍ଥାପିକାର ପୁନର୍ବାର ଅଧିବେଶନରେ ବସିବା ପରେ ଛଅ ସପ୍ତାହ ମଧ୍ୟରେ ପାଶ୍ କରାଯାଇଥାଏ ।

## ୧୪.୨.୨ ଆର୍ଥିକ କ୍ଷମତା

ରାଜ୍ୟ ବ୍ୟବସ୍ଥାପିକା ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ । ଗୋଟିଏ ଅର୍ଥ ବିଲ୍ ପ୍ରଥମେ କେବଳ ବିଧାନସଭା ରେ ଆଗତ ହୋଇଥାଏ । ଅର୍ଥବିଲ୍ ମାଧ୍ୟମରେ ସରକାରଙ୍କର ବ୍ୟୟକୁ ସ୍ୱିକୃତୀ ଦିଆଯାଏ କର ଲାଗୁ କରାଯାଏ ବା ଉଠାଇ ଦିଆଯାଏ, ଋଣ କରିବା ପାଇଁ ଅନୁମତି ଦିଆଯିବା ଆଦି କାର୍ଯ୍ୟ ସମ୍ପାଦନ ହୋଇଥାଏ । ଏହି ବିଲ୍ ରାଜ୍ୟପାଳଙ୍କ ଅନୁମତିରେ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇଥାଏ । ବେସରକାରୀ ସଭ୍ୟଙ୍କ ଦ୍ୱାରା ଅର୍ଥବିଲ୍ ଆଗତ ହୋଇପାରିବ ନାହିଁ । ବିଧାନ ସଭାର ବାଚସ୍ପତି କୌଣସି ଏକ ବିଲ୍ ଅର୍ଥବିଲ୍ ବୋଲି ଘୋଷଣା କରିଥାଆନ୍ତି ।

ଗୋଟିଏ ଅର୍ଥବିଲ୍ ବିଧାନ ସଭାରେ ପାଶ୍ ହେଲାପରେ ବିଧାନ ପରିଷଦକୁ ପଠାଯାଇଥାଏ । ୧୪ଦିନ୍ ମଧ୍ୟରେ ଏହା ବିଲ୍‌ଟିକୁ ତାର ପ୍ରସ୍ତାବ ସହ ବା ବିନା ପ୍ରସ୍ତାବରେ ଦେବାକୁ ବାଧ୍ୟ । ବିଧାନ ସଭା ଏହାର ପ୍ରସ୍ତାବକୁ ଗ୍ରହଣ କରିପାରେ ବା ନ କରିପାରେ । ଏହାପରେ ବିଲ୍‌ଟି ଉଭୟକକ୍ଷଦ୍ୱାରା ପାଶ୍ ହେଲା ବୋଲି ଧରାଯାଏ । ଏହାପରେ ବିଲ୍‌ଟିକୁ ରାଜ୍ୟପାଳଙ୍କ ସ୍ୱିକୃତୀ ପାଇଁ ପଠାଯାଏ । ଅର୍ଥ ବିଲ୍‌କୁ ରାଜ୍ୟପାଳ ସ୍ୱିକୃତୀ ଦେବାକୁ ବାଧ୍ୟ, କାରଣ ଅର୍ଥ ବିଲ୍ ତାଙ୍କ ଅନୁମୋଦନରେ ଆଗତ ହୋଇଥାଏ ।

## ୧୪.୨.୩ କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ

କେନ୍ଦ୍ର ବ୍ୟବସ୍ଥାପିକା ପରି ରାଜ୍ୟ ବ୍ୟବସ୍ଥାପିକାର ମଧ୍ୟ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି । ରାଜ୍ୟମନ୍ତ୍ରୀପରିଷଦ ବିଧାନସଭା ନିକଟରେ ମିଳିତ ଭାବରେ ଦାୟୀ ଏବଂ ଯେତେବେଳ ପର୍ଯ୍ୟନ୍ତ ଏହା ବିଧାନ ସଭାର ବିଶ୍ୱାସ ଭାଜନ ହୋଇଥାଏ ସେତେବେଳେ ପର୍ଯ୍ୟନ୍ତ କ୍ଷମତାରେ ରହିଥାଏ । ଯେତେବେଳେ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ପାଶ୍ ହୁଏ ବା କୌଣସି ସରକାରୀ ବିଲ୍‌କୁ ପ୍ରତ୍ୟାଖାନ କରାଯାଏ ସେତେବେଳେ ମନ୍ତ୍ରୀପରିଷଦ କ୍ଷମତାଚ୍ୟୁତ ହୁଏ ।

ଅନାସ୍ଥା ପ୍ରସ୍ତାବ ସହ, ପ୍ରଶ୍ନପଚାରିବା ଓ ଅତିରିକ୍ତପ୍ରଶ୍ନ ପଚାରିବା, ମୁଲତବି ପ୍ରସ୍ତାବ ଓ ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ ମାଧ୍ୟମରେ ବ୍ୟବସ୍ଥାପିକା କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିଥାଏ ।

## ୧୪.୨.୪ ନିର୍ବାଚନ ଗତ କ୍ଷମତା

ବିଧାନ ସଭାର ନିର୍ବାଚିତ ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବାପାଇଁ ଗଠିତ ନିର୍ବାଚନ ମଣ୍ଡଳୀ ର ସଭ୍ୟ । ତେଣୁ ରାଷ୍ଟ୍ରପତିଙ୍କ ନିର୍ବାଚନରେ ସେମାନଙ୍କର ଗୁରୁତ୍ୱ ରହିଛି(ଅଧ୍ୟାୟ ୧୦ଦେଖ) ।

ବିଧାନସଭାର ସଭ୍ୟମାନେ ତାଙ୍କ ରାଜ୍ୟର ରାଜ୍ୟସଭା ସଦସ୍ୟ ମାନଙ୍କୁ ମଧ୍ୟ ନିର୍ବାଚିତ କରିଥାଆନ୍ତି । ରାଜ୍ୟର ବିଧାନ ପରିଷଦ (ଯଦି ଏହା ସେହି ରାଜ୍ୟରେ ଅଛି ) ର ଏକ ତୃତୀୟାଂଶ ସଭ୍ୟ ବିଧାନ ସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ।

ଏହି ସମସ୍ତ ନିର୍ବାଚନରେ ବିଧାନ ସଭାର ସଭ୍ୟମାନେ ଏକକ ହସ୍ତାନ୍ତରୀତ ଭୋଟ୍ ପ୍ରଥା ଅନୁସାରେ ଭୋଟ ଦେଇଥାଆନ୍ତି ।

## ୧୪.୨.୫ ସାମ୍ବିଧାନିକ କାର୍ଯ୍ୟାବଳୀ

ତୁମେ ସଂବିଧାନର ସଂଶୋଧନ ପ୍ରଣାଳୀ ଜାଣିସାରିଛ । ସଂଘୀୟ ବ୍ୟବସ୍ଥା ସମ୍ବନ୍ଧିତ ସଂଶୋଧନ ସଂସଦର ଉଭୟ କକ୍ଷର ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତାରେ ପାଶ୍ ହୋଇଥାଏ ଓ ଅତିକମ୍‌ରେ ସମସ୍ତ ରାଜ୍ୟ ସଂଖ୍ୟାର ଅର୍ଦ୍ଧେକ ରାଜ୍ୟର ସ୍ୱିକୃତୀ ଆବଶ୍ୟକ କରିଥାଏ । ଏହି ସ୍ୱିକୃତୀ ଜନିତ ପ୍ରସ୍ତାବ ରାଜ୍ୟ ବ୍ୟବସ୍ଥାପିକାରେ ସାଧାରଣ ସଂଖ୍ୟା ଗରିଷ୍ଠତାରେ ପାଶ୍ ହୋଇଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୪.୩

**(କ) ଶୂନ୍ୟସ୍ଥାନ ପୂରଣ କର :**

୧। ରାଜ୍ୟ ବ୍ୟବସ୍ଥାପିକା ________ ତାଲିକା ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିପାରିବନାହିଁ ।
(କେନ୍ଦ୍ର, ରାଜ୍ୟ, ଯୁଗ୍ମ)

୨। ଅର୍ଥ ବିଲ୍ ରାଜ୍ୟ ବ୍ୟବସ୍ଥାପିକାରେ ________ଙ୍କ ଅନୁମୋଦନ ରେ ଆଗତ ହୁଏ ।
(ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ)

୩। ବିଧାନ ପରିଷଦ ଗୋଟିଏ ଅର୍ଥ ବିଲ୍‌କୁ ________ ଦିନ ମଧ୍ୟରେ ଫେରସ୍ତ ଦେଇଥାଏ ।
(୧୪,୩୦, ୯୦)

୪। ରାଜ୍ୟମନ୍ତ୍ରୀ ପରିଷଦ________ର ବିଶ୍ୱାସ ଭାଜନ ଥିବାପର୍ଯ୍ୟନ୍ତ କ୍ଷମତାରେ ରୁହେ ।
(ରାଜ୍ୟପାଳ, ବିଧାନ ସଭା, ବିଧାନପରିଷଦ)

**(ଖ) ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଦିଅ :**

୧। ରାଜ୍ୟରେ କିଏ ଗୋଟିଏ ବିଲ୍ ଅର୍ଥବିଲ୍ ବୋଲି ଘୋଷଣା କରିଥାଆନ୍ତି ?

୨। ରାଜ୍ୟରେ ଅଧ୍ୟାଦେଶ ଜାରୀ କରିବାର କ୍ଷମତା କାହାପାଖରେ ଅଛି ?

୩। ବିଧାନସଭାର ସଭ୍ୟମାନେ କେଉଁମାନଙ୍କ ନିର୍ବାଚନରେ ଭୋଟ୍ ଦେଇଥାଆନ୍ତି ।

## ୧୪.୩ ରାଜ୍ୟ ବ୍ୟବସ୍ଥାପିକାର କ୍ଷମତାର ସୀମା

ନିମ୍ନ ଭାବରେ ରାଜ୍ୟର ବ୍ୟବସ୍ଥାପିକାର ଆଇନ୍ ପ୍ରଣୟନ କ୍ଷମତା ସୀମିତ :

ଆଗରୁ ଚର୍ଚ୍ଚା କରାଯାଇଛି ଯେ ରାଜ୍ୟ ବ୍ୟବସ୍ଥାପିକାର ରାଜ୍ୟ ତାଲିକାଭୁକ୍ତ ବିଷୟ ଓ ଯୁଗ୍ମ ତାଲିକା ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିବାର କ୍ଷମତା ରହିଛି । କିନ୍ତୁ ଯଦି ଯୁଗ୍ମତାଲିକା ଭୁକ୍ତ ଗୋଟିଏ

ବିଷୟ ଉପରେ ରାଜ୍ୟ ଆଇନ୍, କେନ୍ଦ୍ର ଆଇନ୍‌ର ବିରୁଦ୍ଧାଚରଣ କରେ ତେବେ ସଂସଦ ଦ୍ୱାରା ପ୍ରଣୀତ ଆଇନ୍ ହିଁ କାର୍ଯ୍ୟକାରୀ ହୁଏ ।

ରାଜ୍ୟର ରାଜ୍ୟପାଳ ରାଜ୍ୟର ବ୍ୟବସ୍ଥାପିକା ଦ୍ୱାରା ପାଶ୍ ହୋଇଥିବା ଗୋଟିଏ ବିଲ୍ ଉପରେ ନିଜର ସ୍ୱିକୃତୀକୁ ସ୍ଥଗିତରଖିପାରନ୍ତି ଓ ତାକୁ ରାଷ୍ଟ୍ରପତିଙ୍କ ବିବେଚନା ପାଇଁ ପଠାଇଦେଇ ପାରିବେ । ଯଦି କୌଣସି ବିଲ୍ ରାଜ୍ୟର ଉଚ୍ଚନ୍ୟାୟାଳୟର କ୍ଷମତା ସଂକୁଚିତ କରୁଥାଏ ତେବେ ଏହା ନିଶ୍ଚିତ ଭାବରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥାଏ । ଅନ୍ୟ କେତେକ କ୍ଷେତ୍ରରେ ବ୍ୟବସ୍ଥାପିକାରେ ବିଲ୍ ଆଗତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ନିତାନ୍ତ ଆବଶ୍ୟକ, ଯେପରିକି ରାଜ୍ୟ ଭିତରେ ଓ ଅନ୍ୟ ରାଜ୍ୟ ସହିତ ବାଣିଜ୍ୟର ସ୍ୱାଧିନତା ଉପରେ ଅଂକୁଶ ଲାଗୁକରାଯିବା ପାଇଁ ଉଦ୍ଦିଷ୍ଟବିଲ୍ ।

ଯେତେବେଳେ ୩୫୨ ଧାରା ଅନୁସାରେ ରାଷ୍ଟ୍ରିୟ ଜରୁରୀ ପରିସ୍ଥିତି ଜାରୀ ହୋଇଥାଏ ସେତେବେଳେ ସଂସଦର ରାଜ୍ୟତାଲିକା ଭୁକ୍ତ ବିଷୟଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ । ଯଦି ରାଜ୍ୟ ବ୍ୟବସ୍ଥାପିକା ସେହି ସମୟରେ ରହିଥାଏ ଓ ତାର କାର୍ଯ୍ୟ ସଂପାଦନ କରିଥାଏ । ଯେତେବେଳେ ସାବିଂଧାନିକ ଅଚଳ ଅବସ୍ଥା ଯୋଗୁ (୩୫୬ ଧାରା ଅନୁସାରେ) ରାଜ୍ୟର ନିର୍ବାଚିତ ସରକାର ର ପତନ ହୁଏ ସେତେବେଳେ ସେହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରୀ ହୋଇଥାଏ । ସେତେବେଳେ ସଂସଦ ସେହି ରାଜ୍ୟପାଇଁ ଆବଶ୍ୟକ ଆଇନ୍ ପ୍ରଣୟନ କରିବାର ଅଧିକାର ପାଇଥାଏ କିନ୍ତୁ କେବଳ ସେହି ଜରୁରୀ ପରିସ୍ଥିତି ସମୟରେ ।

ସଂସଦ ଆନ୍ତର୍ଜାତୀୟ ଦାୟିତ୍ୱ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ହେଲେ ରାଜ୍ୟତାଲିକାଭୁକ୍ତ ବିଷୟ ଉପରେ ମଧ୍ୟ ଆଇନ୍ ପ୍ରଣୟନ କରିପାରିବ । ଯଦି ରାଜ୍ୟ ସଭାରେ ଗୋଟିଏ ପ୍ରସ୍ତାବ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ପାଶ୍ ହୁଏ, ଯାହା ରାଜ୍ୟସଭାର ନିଜସ୍ୱଇଚ୍ଛା ହୋଇପାରେ କିମ୍ବା ଦୁଇ ବା ତତୋଧିକ ରାଜ୍ୟର ଅନୁରୋଧ କ୍ରମେ ହୋଇଥାଏ, ତେବେ ସଂସଦ ରାଜ୍ୟତାଲିକା ଭୁକ୍ତ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଇନ୍ ପ୍ରଣୟନ କରିପାରିବ ।

ମୌଳିକ ଅଧିକାର ଗୁଡ଼ିକ ମଧ୍ୟ ରାଜ୍ୟ ବ୍ୟବସ୍ଥାପିକା ଉପରେ ଅଂକୁଶ ଲଗାଇଥାଏ । ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣକରି ଏହା କୌଣସି ଆଇନ୍ ପ୍ରଣୟନ କରିପାରିବ ନାହିଁ । ରାଜ୍ୟ ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଯେ କୌଣସି ଆଇନ୍‌କୁ ଯଦି ଉଚ୍ଚନ୍ୟାୟାଳୟ ବା ଉଚ୍ଚତମନ୍ୟାୟାଳୟ ଅନୁଭବ କରନ୍ତି ଯେ ତାହା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ତେବେ ସେହି ଆଇନ୍‌କୁ ଅଣସ୍ୱାମ୍ବିଧାନିକ ବୋଲି ଘୋଷିତ କରି ଖାରଜ୍ କରିଦିଅନ୍ତି ।

## ୧୪.୪ ରାଜ୍ୟ ବ୍ୟବସ୍ଥାପିକାର ଦୁଇକକ୍ଷଙ୍କ ତୁଳନା

ବିଧାନସଭା ଠିକ୍ ଲୋକ ସଭା ପରି କ୍ଷମତାଶାଳୀ ହୋଇଥାଏ । ବିଧାନପରିଷଦ, ବିଧାନସଭା ତୁଳନାରେ ଅତି କମ୍ କ୍ଷମତା ଉପଭୋଗ କରିଥାଏ । ଏପରିକି ସାଧାରଣ ବିଲ୍ ଉପରେ ମଧ୍ୟ । କେନ୍ଦ୍ରରେ ରାଜ୍ୟସଭା ଅର୍ଥବିଲ୍ ବ୍ୟତିରକେ ଅନ୍ୟବିଲ୍ ଉପରେ ସମାନ କ୍ଷମତା ଉପଭୋଗ କରିଥାଏ, କିନ୍ତୁ ବିଧାନ ପରିଷଦ ରାଜ୍ୟସଭା ତୁଳନାରେ ଅତି କମ୍ କ୍ଷମତା ଉପଭୋଗ କରେ ।

ବିଧାନସଭା ଓ ବିଧାନ ପରିଷଦ ର ତୁଳନାତ୍ମକ ସମ୍ପର୍କ ନିମ୍ନରେ ପ୍ରଦାନ କରାଗଲା :

### ୧୪.୪.୧ ସାଧାରଣ ବିଲ୍‌କୁ ନେଇ କ୍ଷମତା ଓ ସମ୍ପର୍କ

ଯଦି କେନ୍ଦ୍ର ସଂସଦରେ ଏକ ସାଧାରଣ ବିଲ୍‌କୁ ନେଇ ଉଭୟ କକ୍ଷମଧ୍ୟରେ ମତଭେଦ ହୁଏ ତେବେ ରାଷ୍ଟ୍ରପତି ଉଭୟକକ୍ଷର ଏକ ମିଳିତ ଅଧିବେସନ ଆହ୍ୱାନ କରନ୍ତି ଓ ଯଦି ବିଲଟି ସେଠାରେ ସଂଖ୍ୟ ଗରିଷ୍ଠ





ଭୋଟରେ ପାଶ୍ ହୁଏ ତେବେ ଧରାଯିବ ଯେ ବିଲ୍‌ଟି ଉଭୟ କକ୍ଷଦ୍ୱାରା ଗୃହୀତହେଲା କିନ୍ତୁ ଏଭଳି ମିଳିତ ଅଧିବେସନ ବ୍ୟବସ୍ଥା ରାଜ୍ୟରେ ନାହିଁ ।

ଗୋଟିଏ ସାଧାରଣ ବିଲ୍ ରାଜ୍ୟ ବ୍ୟବସ୍ଥାପିକାର ଯେକୌଣସି କକ୍ଷରେ ଆଗତ ହୋଇପାରିବ, ତଥାପି ଉଭୟ କକ୍ଷର କ୍ଷମତାରେ ସମାନତା ନ ଥାଏ । ଯଦି ଗୋଟିଏ ବିଲ୍ ବିଧାନସଭାରେ ଗୃହୀତ ହୁଏ ତାହା ବିଧାନ ପରିଷଦର ମତାମତ ପାଇଁ ପଠାଯାଏ । ଯେତେବେଳେ ବିଲ୍‌ଟି ବିଧାନ ପରିଷଦରେ କୌଣସି ପରିବର୍ତ୍ତନ ନ କରି ପାଶ୍ ହୁଏ ତେବେ ବିଲ୍‌ଟିକୁ ରାଜ୍ୟପାଳଙ୍କ ସ୍ୱିକୃତୀ ପାଇ ପଠାଇ ଦିଆଯାଏ । ଯଦି ବିଲ୍‌ଟି (କ) ବିଧାନ ପରିଷଦ ଦ୍ୱାରା ଗୃହୀତ ହୁଏ ନାହିଁ । (ଖ) ବିଲ୍‌ଟି ବିଧାନ ପରିଷଦ ଦ୍ୱାରା ତିନିମାସ ମଧ୍ୟରେ ଗୃହୀତ ନ ହୁଏ କିମ୍ବା (ଗ) ବିଲ୍‌ଟି ବିଧାନ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଗୃହୀତ ହୁଏ, ଯାହା ବିଧାନ ସଭା ଗ୍ରହଣ କରେ ନାହିଁ ତେବେ ବିଧାନ ସଭା ବିଲ୍‌ଟିକୁ ସେହି ଅଧିବେସନରେ ପାଶ୍ କରେ ବା ପରବର୍ତ୍ତୀ ଅଧିବେସନରେ ପାଶ୍ କରିଥାଏ । ଏହାପରେ ପୁନର୍ବାର ବିଲ୍‌ଟି ବିଧାନ ପରିଷଦକୁ ପଠାଯାଏ । ଯଦି ବିଲ୍‌ଟିକୁ ବିଧାନ ପରିଷଦ ଏକ ମାସ ମଧ୍ୟରେ ଫେରସ୍ତ କରେ ନାହିଁ ତେବେ ଧରାଯିବ ଯେ ବିଲ୍‌ଟି ଉଭୟ କକ୍ଷରେ ପାଶ୍ କରାଯାଇଛି, ବିଲ୍‌ଟିକୁ ରାଜ୍ୟପାଳଙ୍କ ସ୍ୱିକୃତୀ ପାଇଁ ପଠାଇଦିଆଯାଏ । ଏହି ଭାବରେ ବିଧାନ ପରିଷଦ କେବଳ ବିଲ୍‌ଟିକୁ ଅତିବେଶୀରେ ଚାରିମାସ ପାଇଁ ବିଳମ୍ବ କରିପାରିବ । ଅପର ପକ୍ଷରେ ଯଦି ଗୋଟିଏ ବିଲ୍ ପ୍ରଥମେ ବିଧାନ ପରିଷଦରେ ଗୃହୀତ ହୋଇ ପରେ ବିଧାନସଭା ଦ୍ୱାରା ଖାରଜ୍ ହୁଏ ତେବେ ତାହା ଆଇନ୍ ରେ ପରିଣତ ହୋଇପାରେ ନାହିଁ ।

## ୧୪.୪.୨ ଅର୍ଥ ବିଲ୍ ସମ୍ବନ୍ଧରେ ସମ୍ପର୍କ

ଲୋକସଭା ପରି ଅର୍ଥବିଲ୍ ପ୍ରଥମେ ବିଧାନ ସଭାରେ ଆଗତ ହୋଇଥାଏ । ଏହା ବିଧାନ ପରିଷଦରେ ଆଗତ ହୋଇ ପାରିବ ନାହିଁ । ବିଧାନସଭାର ବାଚସ୍ପତି ଗୋଟିଏ ବିଲ୍ ଅର୍ଥବିଲ୍ ବୋଲି ନିଷ୍ପତ୍ତି ଦେଇଥାଆନ୍ତି । ଯଦି ସେହି ଅର୍ଥବିଲ୍ ବିଧାନସଭାରେ ପାଶ୍ ହୁଏ, ତାକୁ ବିଧାନପରିଷଦକୁ ପଠାଇଦିଆଯାଏ । ବିଧାନ ପରିଷଦ ପାଖରେ ବିଲ୍‌ଟିକୁ ବିଚାର କରିବା ପାଇଁ ୧୪ଦିନ ସମୟ ଥାଏ । ଯଦି ବିଲ୍‌ଟି ବିଧାନ ପରିଷଦ ଦ୍ୱାରା ଗୃହୀତ ହୁଏ ତେବେ ତାହା ରାଜ୍ୟପାଳଙ୍କ ସ୍ୱିକୃତୀ ପାଇଁ ପଠାଇ ଦିଆଯାଏ । ଯଦି ବିଲ୍‌ଟି ୧୪ଦିନ ମଧ୍ୟରେ ଫେରସ୍ତ କରାଯାଏ ନାହିଁ ତେବେ ଧରାଯିବ ଯେ ଏହା ବିଧାନ ପରିଷଦ ଦ୍ୱାରା ପାଶ୍ ହୋଇଯାଇଛି । ଯଦି ପରିଷଦ କୌଣସି ପରିବର୍ତ୍ତନର ପ୍ରସ୍ତାବ ରଖି ବିଧାନ ସଭାକୁ ଫେରସ୍ତ କରେ ତେବେ ବିଧାନ ସଭା ପରିବର୍ତ୍ତନ ଗୁଡ଼ିକୁ ଗ୍ରହଣ କରିପାରେ ବା ଅଗ୍ରାହ୍ୟ କରି ଦେଇପାରେ । ଏହାପରେ ବିଲ୍‌ଟିକୁ ରାଜ୍ୟପାଳଙ୍କ ସ୍ୱିକୃତୀ ପାଇଁ ପଠାଯାଏ ଓ ରାଜ୍ୟପାଳ ସ୍ୱିକୃତୀ ଦେବାକୁ ବାଧ୍ୟ ।

## ୧୪.୪.୩ କାର୍ଯ୍ୟ ପାଳିକା ଉପରେ ନିୟନ୍ତ୍ରଣ

ରାଜ୍ୟର ମନ୍ତ୍ରୀପରିଷଦ କେବଳ ବିଧାନସଭା ନିକଟରେ ଦାୟୀ ଓ ଏହା ସେତେବେଳ ପର୍ଯ୍ୟନ୍ତ କ୍ଷମତାରେ ରୁହେ ଯେତେବେଳ ପର୍ଯ୍ୟନ୍ତ ବିଧାନ ସଭାର ବିଶ୍ୱାସଭାଜନ ହୋଇଥାଏ । ଯଦିଓ ବିଧାନପରିଷଦର ସଭ୍ୟମାନଙ୍କର ପ୍ରଶ୍ନ ପଚାରିବାର ଅଧିକାର, ମୁଲତବି ପ୍ରସ୍ତାବ ଆଗତ କରିବାର ଅଧିକାର, ଦୃଷ୍ଟିଆକର୍ଷଣକାରୀ ପ୍ରସ୍ତାବ ଆଦି ଆଗତ କରିବାର ଅଧିକାର ରହିଛି ବିଧାନ ପରିଷଦର ସରକାରକୁ କ୍ଷମତାଚ୍ୟୁତ କରିବାର ଅଧିକାର ନାହିଁ ।

## ୧୪.୪.୪ ନିର୍ବାଚନ ଗତ କାର୍ଯ୍ୟ

ରାଷ୍ଟ୍ରପତିଙ୍କ ନିର୍ବାଚନରେ କେବଳ ବିଧାନ ସଭାର ନିର୍ବାଚିତ ପ୍ରତିନିଧି ଅଂଶ ଗ୍ରହଣ କରିପାରିବେ । ବିଧାନ ସଭାର ସଦସ୍ୟମାନେ ଏହି ଅଧିକାର ସାବ୍ୟସ୍ତ କରନ୍ତି କାରଣ ସେମାନେ ହିଁ ରାଷ୍ଟ୍ରପତିଙ୍କ ନିର୍ବାଚନ

Notes

ପାଇଁ ଗଠିତ ନିର୍ବାଚନ ମଣ୍ଡଳୀର ସଦସ୍ୟ । କିନ୍ତୁ ବିଧାନ ପରିଷଦର ସଦସ୍ୟମାନେ ରାଷ୍ଟ୍ରପତିଙ୍କ ନିର୍ବାଚନ ପାଇଁ ଭୋଟ୍ ଦେଇ ପାରିବେ ନାହିଁ । ପ୍ରତ୍ୟେକ ରାଜ୍ୟର ରାଜ୍ୟସଭା ସଦସ୍ୟ ମାନେ କେବଳ ବିଧାନ ସଭାର ର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି ଓ ବିଧାନ ପରିଷଦ ର ସଦସ୍ୟ ମାନଙ୍କର ଭୋଟ୍ ଦେବାର ଅଧିକାର ନାହିଁ ।

ଉପରୋକ୍ତ ଚର୍ଚ୍ଚା ସ୍ପଷ୍ଟ କରୁଛି ଯେ ବିଧାନ ପରିଷଦ କ୍ଷମତା ବିହୀନ ଓ ପ୍ରଭାବହୀନ କକ୍ଷ । ଏହା ଗୋଟିଏ ଦ୍ୱିତୀୟ କକ୍ଷ ଅଟେ । ଏହି କାରଣରୁ ବହୁ ରାଜ୍ୟ ଏକକକ୍ଷିୟ ବ୍ୟବସ୍ଥାକୁ ପସନ୍ଦ କରନ୍ତି । କିନ୍ତୁ ବିଧାନପରିଷଦ ଗୋଟିଏ ଅନାବଶ୍ୟକ କକ୍ଷ ନୁହେଁ । ଏହା ବିଧାନ ସଭାଦ୍ୱାରା ତରବର ଭାବରେ ପାଶ୍ ହୋଇଥିବା ବିଲ୍‌କୁ ପ୍ରତିରୋଧ କରି ବିଲ୍‌ର ତ୍ରୁଟି ଓ ଦୁର୍ବଳତା ଉପରେ ଆଲୋକ ପାତ କରିଥାଏ । ଏହା ବିଧାନ ସଭାର ବୋଝ କମାଇବାରରେ ସାହାଯ୍ୟକରିଥାଏ, କାରଣ କେତେକ ବିଲ୍ ବିଧାନ ପରିଷଦରେ ପ୍ରଥମେ ଆଗତ ହୋଇଥାଏ ।

## ତୁମେ କ'ଣ ଶିକ୍ଷା କଲ

ରାଜ୍ୟର ବ୍ୟବସ୍ଥାପିକା ରାଜ୍ୟପାଳ, ବିଧାନ ପରିଷଦ ଓ ବିଧାନ ସଭାକୁ ନେଇ ଗଠିତ ହୋଇଥାଏ । ପ୍ରାୟ ସମସ୍ତରାଜ୍ୟରେ ଏକ-କକ୍ଷ ବିଶିଷ୍ଟ ବ୍ୟବସ୍ଥାପିକା ପ୍ରତିଷ୍ଠିତ ହୋଇଛି । ଏହି ରାଜ୍ୟଗୁଡ଼ିକରେ ବ୍ୟବସ୍ଥାପିକା ରାଜ୍ୟପାଳ ଓ ବିଧାନସଭାକୁ ନେଇଗଠିତ । ଭାରତର ସଂସଦ ପାଖରେ ରାଜ୍ୟର ବିଧାନ ପରିଷଦ ସୃଷ୍ଟି କରିବାର ବା ଅବସାନ କରିବାର କ୍ଷମତା ରହିଛି । ବିଧାନ ପରିଷଦର ସଦସ୍ୟମାନେ ଆଂଶିକ ଭାବରେ ଆଂଶିକ ଭାବରେ ପରୋକ୍ଷ ନିର୍ବାଚନ ପ୍ରଣାଳୀରେ ନବର୍ଜାଚିତ ହୋଇଥାଆନ୍ତି ଓ କେତେକ ସଦସ୍ୟ ମନୋନୀତ ହୋଇଥାଆନ୍ତି । ଏହା ରାଜ୍ୟସଭା ପରି ଏକ ସ୍ଥାୟୀ କକ୍ଷ । ଏହା କେବେ ଭି ଭଙ୍ଗ କରାଯାଇ ପାରିବ ନାହିଁ । ଏହାର ସଦସ୍ୟ ମାନଙ୍କର କାର୍ଯ୍ୟକାଳ ଛଅବର୍ଷ । ପ୍ରତ୍ୟେକ ଦୁଇବର୍ଷ ପରେ ଏହାର ଏକ ତୃତୀୟାଂଶ ସଦସ୍ୟ ଅବସର ନିଅନ୍ତି ।

ବିଧାନ ପରିଷଦର ସଭ୍ୟ ହେବାପାଇଁ ଜଣେ ବ୍ୟକ୍ତିଙ୍କର ସର୍ବନିମ୍ନ ବୟସ ହେଲା ୩୦ ବର୍ଷ ଓ ବିଧାନ ସଭାର ୨୫ ବର୍ଷ । ବିଧାନସଭାର ସଭ୍ୟମାନେ ପ୍ରତ୍ୟୋକ୍ଷଭାବରେ ଜନସାଧାରଣଙ୍କ ଦ୍ୱାରା ସାର୍ବଜନୀନ ସାବାଳକ ଭୋଟ୍ ପ୍ରଥା ଅନୁସାରେ ନିର୍ବାଚିତ ହୋଇଥାଆନ୍ତି । ଏହାର କାର୍ଯ୍ୟକାଳ ପା*ବର୍ଷ, କିନ୍ତୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ପା*ବର୍ଷ ପୂର୍ବରୁ ଏହାକୁ ଭଙ୍ଗ କରିପାରିବେ । ରାଜ୍ୟରେ ସାମ୍ବିଧାନିକସଙ୍କଟ ପରିସ୍ଥିତିରେ ରାଷ୍ଟ୍ରପତି ଏହାକୁ ଭଙ୍ଗ କରିପାରିବେ ।


ରାଜ୍ୟ ବ୍ୟବସ୍ଥାପିକାର କ୍ଷମତା ହେଲା ଆଇନ୍ ପ୍ରଣୟନ କରିବା, ରାଜ୍ୟର ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ ଓ କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ ନିର୍ବାଚନଗତ କ୍ଷମତା ଓ ସାମ୍ବିଧାନିକ କ୍ଷମତା ।

## ପାଠ୍ୟାନ୍ତ ଅଭ୍ୟାସ

୧। ରାଜ୍ୟ ବିଧାନସଭାର ଗଠନ ବର୍ଣ୍ଣନା କର ।

୨। ରାଜ୍ୟ ବ୍ୟବସ୍ଥାପିକାର କ୍ଷମତା ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

୩। ରାଜ୍ୟ ବ୍ୟବସ୍ଥାପିକାର ସଙ୍କୁଚିତ କ୍ଷମତାଗୁଡ଼ିକର ପ୍ରତିବନ୍ଧକ ଦର୍ଶାଅ ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୪.୧**

୧। ୨୮ ଗୋଟି ରାଜ୍ୟ

୨। ୨୫ ବର୍ଷ

୩। ଆଙ୍ଗ୍ଲୋ-ଇଣ୍ଡିଆନ

୪। ପା*ବର୍ଷ

୫। ବାଚସ୍ପତି

**୧୪.୨**

୧। ୩୦ ବର୍ଷ

୨। ୬ ବର୍ଷ

୩। ୨୮ ଷର୍ବ

୪। ସଂସଦ

୫। ଉତ୍ତର ପ୍ରଦେଶ

**୧୪.୩**

**(କ)** ୧। କେନ୍ଦ୍ର

୨। ରାଜ୍ୟପାଳ

୩। ୧୪ ଦିନ

୪। ବିଧାନସଭା

(ଖ) ୧। ବିଧାନସଭାର ବାଚସ୍ପତି

୨। ରାଜ୍ୟର ରାଜ୍ୟପାଳ

୩। ରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ, ବିଧାନ ପରିଷଦର ଏକତୃତୀୟାଂଶ ସଭ୍ୟ

## ଅନ୍ତିମ ଅଭ୍ୟାସର ସୂଚନା

୧। ୧୪.୧.୧ ବିଭାଗକୁ ଦେଖ

୨। ୧୪.୨ ବିଭାଗକୁ ଦେଖ

୩। ୧୪.୩ ବିଭାଗକୁ ଦେଖ